## ସଂକ୍ଷେପରେ

### ଆଜବେଷ୍ଟସ ଭାଙ୍ଗି ଚୋରି


ସିସିଟିଭିରେ କଏଦ ଅଭିଯୁକ୍ତଙ୍କ ଫଟୋ।

ଅନୁଗୋଳ ଅଫିସ, ୧୫।୭- ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପାନମସଲା ଦୋକାନୀ ଅଖିଳ ନାହାକଙ୍କ ଦୋକାନ ଆଜବେଷ୍ଟସ ଭାଙ୍ଗି ରବିବାର ରାତିରେ ୫୦ ହଜାର ଟଙ୍କାର ସିଗାରେଟ୍ ଓ ଖୁଚୁରା ୫ ହଜାର ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଖିଳ ରାତି ସାଢେ ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳୁ ଆସି ଦୋକାନ ଖୋଲିବା ପରେ ସିଲିଂ ଓ ଉପର ଆଜବେଷ୍ଟସ ଭାଙ୍ଗି ଟଙ୍କା ଓ ସାମଗ୍ରୀ ଚୋରି ହୋଇଥିବା ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୋକାନରେ ଥିବା ସିସିଟିଭି ଫୁଟେଜ ମଧ ଜବତ କରିଛି ବୋଲି ସୂଚନା ମିଳିଛି।

### ସରକାରୀ ଜାଗାରେ କିନ୍ନରଙ୍କ କାର୍ଯ୍ୟାଳୟ ଭୂମିପୂଜା



ଅନୁଗୋଳ ଅଫିସ, ୧୫।୭- ଅନୁଗୋଳ ଜିଲା କିନ୍ନର ମହାସଂଘ ଦ୍ୱାରା ଏକ ସରକାରୀ ଜାଗାରେ କାର୍ଯ୍ୟାଳୟ ସ୍ଥାପନ ପାଇଁ ଭୂମିପୂଜା କରାଯାଇଛି। ସଂଘ ସଭାପତି ଅମ୍ବିକା କିନ୍ନର (ନରେଶ), ଉପସଭାପତି ରାଜଶ୍ରୀ କିନ୍ନର(ପ୍ରଦୀପ), ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗ ସହ ସଂଘ ମଜଭୁତ ରହିଛି ବୋଲି ସମ୍ପାଦକ ସମ୍ପର୍ଣ୍ଣା କିନ୍ନର କହିଛନ୍ତି।

### ଛାତରୁ ପଡ଼ି ଠିକା ଶ୍ରମିକଙ୍କ ମୃତ୍ୟୁ

ବଅଁରପାଳ, ୧୫।୭ (ଡି.ଏନ୍.ଏ)- ଛାତରୁ ପଡ଼ି ବଅଁରପାଳ ଥାନା ଅଞ୍ଚଳର ଜଣେ ଠିକା ଶ୍ରମିକଙ୍କ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଥିବା ଜଣାପଡିଛି। ସେ କଣ୍ଟାବଣିଆ ସ୍ଥିତ ଜଣେ ଠିକାଦାରଙ୍କ ପାଖରେ କାମ କରୁଥିଲେ। ଛାତ କାମ ଚାଲୁଥିବାବେଳେ ସେ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଘଟଣାକୁ ଚପାଇ ଦେବା ପାଇଁ ସମ୍ପୃକ୍ତ ଠିକାଦାର ମସୁଧା କରୁଥିବାର ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଠିକାଦାରମାନେ ସେମାନଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଅବହେଳା କରୁଥିବା କେତେଜଣ ଠିକା ଶ୍ରମିକ ଅଭିଯୋଗ ଆଣିଛନ୍ତି। ସେମାନଙ୍କୁ କାମବେଳେ ସୁରକ୍ଷା ସରଞ୍ଜାମ ପ୍ରଦାନ କରାଯାଉ ନ ଥିବା, ଭବିଷ୍ୟନିଧି ପାଣ୍ଠି ପାଇଁ କୌଣସି ଟଙ୍କା ଜମା କରାଯାଉ ନ ଥିବା ଏପରିକି କର୍ମଚାରୀ ରାଜ୍ୟବୀମା (ଇଏସ୍‌ଆଇ ବାବଦକୁ) କୌଣସି ଅର୍ଥ ଠିକାଦାରମାନେ ପଇଠ କରୁ ନ ଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କଣ୍ଟାବଣିଆ ଥାନା ଅଧିକାରୀ ବିଜୟ୍ କୁମାର ହାଇବ୍ରୁ କହିଛନ୍ତି, ସେ ଛୁଟିରେ ଅଛନ୍ତି। ଏ ବିଷୟରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଶିବଙ୍କଠାରେ ଚଢ଼ାଇଲେ ବ୍ରହ୍ମକମଳ



ଛେଣ୍ଡିପଦା,୧୫।୭(ସ୍ୱ.ପ୍ର)-ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ଖମାର ବାଣେଶ୍ୱର ମନ୍ଦିର ପରିସରରେ ରବିବାର ବିଳମ୍ବିତ ରାତିରେ ଦୁଇଟି ବ୍ରହ୍ମକମଳ ଫୁଲ ଫୁଟିଥିବା ଦେଖିବାକୁ ମିଳିଥିଲା। ସୋମବାର ସକାଳୁ ମନ୍ଦିର କମିଟି ପକ୍ଷରୁ ଉକ୍ତ ବ୍ରହ୍ମକମଳକୁ ତୋଳା ଯାଇ ବାବା ବାଣେଶ୍ୱରଙ୍କ ମଥାରେ ଚଢାଯାଇଥିଲା। ଏହି ଫୁଲକୁ ଦେଖିବା ପାଇଁ ଗ୍ରାମବାସୀଙ୍କ ଭିଡ଼ ଜମିଥିଲା।

■ବର୍ଷା ନାହିଁ, ଅଟକିଯାଇଛି ଚାଷ କାର୍ଯ୍ୟ

# ବୁଣା ସରିଲାଣି, ରୁଆ ମନ୍ଥର

■ଜୁନ୍‌ରେ ହେଲାନି ସ୍ୱାଭାବିକ ବର୍ଷା

■ଜୁଲାଇରେ ମଧ ଆଶାଜନକ ହୋଇନି

■ଆଶଙ୍କାରେ ପଡ଼ିଛନ୍ତି ଜିଲାର ଚାଷୀ

**ଅନୁଗୋଳ ଅଫିସ, ୧୫।୭**

ଜୁନ ଯାଇ ଜୁଲାଇ ଅଧା ହେଲାଣି। ଏପରି ସମୟରେ ଚାଷ କାର୍ଯ୍ୟ ଜୋର ଧରିବା କଥା। ହେଲେ ଜୁନ ପରି ଜୁଲାଇରେ ଆବଶ୍ୟକ ବର୍ଷା ଅଭାବରୁ ଅନୁଗୋଳ ଜିଲାରେ ଚାଷ ଜୋରଦାର ହୋଇପାରୁ ନାହିଁ। ବିଶେଷକରି ରୁଆ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଏପରି ପରିସ୍ଥିତି ଆଉ କିଛି ଦିନ ଲାଗି ରହିଲେ ୨୦୧୭ ଅବସ୍ଥା ଉପୁଜିବ ବୋଲି ଆଶଙ୍କା ପ୍ରକାଶ ପାଉଛି।

ଗତ ଜୁନ୍‌ରେ ଜିଲାରେ ୨୨୫ ମିଲିମିଟର ବର୍ଷା ହେବା କଥା। କିନ୍ତୁ ୧୪୮ ମିଲିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ ରେକର୍ଡ କରିଛି। ତେବେ ଜୁଲାଇରେ ସ୍ୱାଭାବିକ ବର୍ଷା ହେବ ବୋଲି ସମସ୍ତେ ଆଶା ବାନ୍ଧିଥିଲେ। ବିଶେଷକରି ୧୫ ତାରିଖ ସୁଦ୍ଧା ଜିଲାରେ ୧୭୩ ମିଲିମିଟର ବର୍ଷାର ଆବଶ୍ୟକତା ଥିଲା। କିନ୍ତୁ ୧୫ ତାରିଖ ଅତିକ୍ରାନ୍ତ ହୋଇଯାଇଥିଲେ ବି ଆବଶ୍ୟକତାର ଅଧା ଅର୍ଥାତ୍ ୮୫.୫ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ଚଳିତମାସ ପ୍ରଥମ ଦୁଇ ଦିନର ବର୍ଷା ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ରୁଆ କାର୍ଯ୍ୟ ଏଥର ଦ୍ରୁତଗତି ଧରିବ ବୋଲି ଚାଷୀମାନେ ଭାବି ନେଇଥିଲେ। ମାତ୍ର ବର୍ଷା ପୁଣି ଗାଏବ ହୋଇଯାଇଛି। ଗତ ୨ ତାରିଖରେ ଜିଲାର ଆଠମଲ୍ଲିକରେ ସର୍ବାଧିକ ୮୦.୨ ମିଲିମିଟର ବର୍ଷା ହୋଇଥିବାବେଳେ ଅନୁଗୋଳରେ ୬୦, ବଅଁରପାଳରେ ୩୮.୬, ପାଲଲହଡ଼ାରେ ୩୭.୦, କିଶୋରନଗରରେ ୩୪.୮, କଣିହାଁରେ ୩୧.୫, ତାଳଚେରରେ ୩୧.୦, ଛେଣ୍ଡିପଦାରେ ୧୨.୬ ମିଲିମିଟର ବର୍ଷା ହୋଇଥିବା ଜଣାପଡ଼ିଛି। ଏହାପରେ ଜିଲାରେ ସ୍ୱାଭାବିକ ବର୍ଷା ହୋଇ ନ ଥିବାବେଳେ କେବଳ ପାଲଲହଡ଼ାରେ ସର୍ବାଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଯଦି ବର୍ଷା ପରିମାଣ ବଢ଼ିବ ତା'ହେଲେ ଜିଲାରେ ଚଳିତବର୍ଷ ଲକ୍ଷ୍ୟ ରଖାଯାଇଥିବା ୮୮ ହଜାର ୫୦ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହୋଇପାରିବ। ବର୍ତ୍ତମାନ ସୁଦ୍ଧା ୪୧୦ ହେକ୍ଟରରେ ଚାଷ ହୋଇଥିବା ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ଏ ନେଇ ଜିଲା କୃଷି ଉପନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ଜିଲାରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇଛି। ତଥାପି ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ହେଉଥିବାରୁ ଚାଷ ଉପରେ ସେପରି ପ୍ରଭାବ ପଡ଼ିବ ନାହିଁ ବୋଲି ଆଶା କରାଯାଉଛି। ବୁଣା କାର୍ଯ୍ୟ ଶେଷ ହୋଇଥିବା ବେଳେ ରୁଆ ମନ୍ଥର ଗତିରେ ଚାଲିଥିବା ଜିଲା କୃଷି ଉପନିର୍ଦ୍ଦେଶକ ମହାପାତ୍ର ପ୍ରକାଶ କରିଛନ୍ତି।



### କିଷାନ କ୍ଷେତମଜଦୁର ସଙ୍ଗଠନର ଉଦ୍‌ବେଗ

**ଅନୁଗୋଳ ଅଫିସ, ୧୫।୭**

ଆବଶ୍ୟକତା ଅନୁସାରେ ହେଉ ନ ଥିବା ବର୍ଷା ଓ ଜିଲାର ଚାଷ କାର୍ଯ୍ୟ ବାଧାପ୍ରାପ୍ତ ନେଇ ଅଲ୍ ଇଣ୍ଡିଆ କିଶାନ କ୍ଷେତମଜଦୁର ସଙ୍ଗଠନ ଅନୁଗୋଳ ଜିଲା କମିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, କମ୍ ବର୍ଷା ଯୋଗୁ ଧାନର ଗଜାମରୁଡ଼ି ସହ ମୁଗ, ବିରି, ମକା, ବାଦାମ ଆଦି ଖରିଫ ଫସଲ ନାଲି ମାରିଯାଇଛି। ସେହିପରି ଅଣପାରମ୍ପରିକ ବିହନ ଚଢ଼ା ଦରରେ ବଜାରରୁ କିଣିଥିବା କାରଣରୁ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ତେଣୁ ଚାଷୀମାନଙ୍କୁ ସବ୍‌ସିଡ଼ିରେ ବିହନ, ସାର, ଔଷଧ ଯୋଗାଇ ଦେବା, ପାଣି ପଞ୍ଚାୟତ ଆଇନ୍ ବାତିଲ କରି ଉଠାଜଳସେଚନ ପଏଣ୍ଟ ଗୁଡ଼ିକୁ ସଚଳ କରିବା, ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣାଧୀନ ଓ ପ୍ରସ୍ତାବିତ ସୁରେଶ୍ୱରୀ, ଧଉରାଗୋଠ, ଢୋଲଡୁମୁରି, ମୋଦେଲିଆ, ଚୁଡ଼ାଖିଆ, କୁକୁଡ଼ାଦର, ହିଡ଼ିସିଙ୍ଗ ଜଳସେଚନ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ସେହିପରି ପ୍ରତି ବ୍ଲକରେ ତିନୋଟି ଶୀତଳଭଣ୍ଡାର ନିର୍ମାଣ, ସାରର କଳାବଜାରି ବନ୍ଦ କରିବା, ଚାଷୀମାନଙ୍କୁ ସର୍ବନିମ୍ନ ୫ ହଜାର ଟଙ୍କା ପେନସନ୍ ଦେବାକୁ ଜିଲା ପ୍ରଶାସନ ଓ କୃଷି ବିଭାଗ ପଦକ୍ଷେପ ନିଅନ୍ତୁ ବୋଲି ସଙ୍ଗଠନ ଜିଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ସମ୍ପାଦକ ସୁବାସ ପ୍ରଧାନ, ଚାଷୀନେତା ରଣଜିତ ପ୍ରଧାନ, ସଞ୍ଜୟ ସାହୁ, ରମଣୀରଞ୍ଜନ ପ୍ରଧାନ, କୁମର ସାହୁ, ନିର୍ମଳ ନାୟକ, ଉଦୟ ଭୋଇ ପ୍ରମୁଖ ଦାବି କରିଛନ୍ତି।

■ହିନ୍ଦୋଳ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

## ବ୍ରହ୍ମାନନ୍ଦ ସଭାପତି, ପ୍ରଭାତ ରଞ୍ଜନ ସମ୍ପାଦକ

**ସାତମାଇଲ,୧୫।୭(ଡି.ଏନ.ଏ.)**



ବ୍ରହ୍ମାନନ୍ଦ ପଟ୍ଟନାୟକ। ପ୍ରଭାତ ରଞ୍ଜନ।

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ସଂଘ କାର୍ଯ୍ୟାଳୟ ପରିସରରେ ନୂତନ କର୍ମକର୍ତ୍ତା ଚୟନ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦାୟୀ ସଭାପତି ସୁମନ୍ତ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋଷାଧ୍ୟକ୍ଷ ରବିନାରାୟଣ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ବରିଷ୍ଠ ଖବରଦାତା ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କୁ ସଂଘ ସଭାପତି ଓ ପ୍ରଭାତରଞ୍ଜନ ପୃଷ୍ଟିଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ସେହିପରି କୋଷାଧ୍ୟକ୍ଷ ଭାବେ ରବିନାରାୟଣ ପଟ୍ଟନାୟକ, ଉପସଭାପତି ପ୍ରଶାନ୍ତ କୁମାର ଜେନାମଣି, ସହ ସମ୍ପାଦକ ଭାବେ ଦୁଷ୍ମନ୍ତ କୁମାର ମିଶ୍ର, ଉପଦେଷ୍ଟା ଭାବେ ନରେଶ ପାଳ, ସୁମନ୍ତ ଦେହୁରୀ, ବିଶ୍ୱେଶ୍ୱର ସେଠି, ସରୋଜ କୁମାର ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଏହି ଅବସରରେ ସାତମାଇଲ ଏବଂ ହିନ୍ଦୋଳଠାରେ ୨ଟି କମ୍ୟୁନିଟି ସେଣ୍ଟର କରାଯିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଖବରଦାତା ସୁଶାନ୍ତ ପତି, ପ୍ରତାପ ପଟ୍ଟନାୟକ, ଦୀପ୍ତିକାନ୍ତ ପ୍ରଧାନ, ରମେଶ ସାହୁ, ପ୍ରବୋଧ ପାଳ, ଜଗନ୍ନାଥ ଦାସ, ଦିଲୀପ ବେହେରା, ନିରୋଜ ପାଳ, ତପନ ପରିଡା, ସୁକାନ୍ତ ସର, ସୌଭାଗ୍ୟରଞ୍ଜନ ସର, ପ୍ରିୟଦର୍ଶନ ଆଚାର୍ଯ୍ୟ, ପ୍ରକାଶ ନାଏକ, ସାଦତ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ସୌମ୍ୟାଶ୍ରୀ ସାହୁ ବିଶ୍ୱବିଦ୍ୟାଳୟ ଟପ୍ପର୍

**ଅନୁଗୋଳ ଅଫିସ, ୧୫।୭**



ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୨୦୧୯ ତୃତୀୟ ବର୍ଷ ଗୃହ ବିଜ୍ଞାନ ସମ୍ମାନ ପରୀକ୍ଷାରେ ଅନୁଗୋଳ ମହିଳା ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ସାହୁ ବିଶ୍ୱବିଦ୍ୟାଳୟ ଟପ୍ପର୍ ହୋଇଛନ୍ତି। ସୌମ୍ୟାଶ୍ରୀ ଉକ୍ତ ପରୀକ୍ଷାରେ ୧୪୦୦ ନମ୍ବରରୁ ୧୨୦୮ ନମ୍ବର ରଖି ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ଅନୁଗୋଳ ମହିଳା କଲେଜ ଅଧକ୍ଷା ଡକ୍ଟର ସଙ୍ଗୀତା ଦାସ, ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଉପଜିଲାପାଳଙ୍କୁ ୨ ଦଫା ଦାବିପତ୍ର


ଗଣମାଧ୍ୟମ ପ୍ରତିନିଧିମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**ତାଳଚେର, ୧୫।୭(ନି.ପ୍ର.)**

ତାଳଚେର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ସୋମବାର ୨ ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟରତ ଖବରଦାତାମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଓ ଉପଖଣ୍ଡ ଡାକ୍ତରଖାନାରେ ଖାଲି ପଡିଥିବା ଡାକ୍ତର, ନର୍ସ, ଟେକ୍ନିସିଆନ ପଦବୀ ପୂରଣ କରାଯିବା ପାଇଁ ଏଥିରେ ଦାବି କରାଯାଇଛି। ଗଣମାଧ୍ୟମ ପ୍ରତିନିଧିମାନେ ସୋମବାର ପୂର୍ବାହ୍ନରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ୭ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ରାଜନୈତିକ ହିଂସାକାଣ୍ଡ, ଜଣେ ଗୁରୁତର

**ତାଳଚେର,୧୫।୭(ନି.ପ୍ର.)**

ତାଳଚେର ବ୍ଲକ ସନ୍ଥପଡା ଗ୍ରାମରେ ସୋମବାର ରାଜନୈତିକ ହିଂସାକାଣ୍ଡ ଘଟିଛି। ସ୍ଥାନୀୟ ବିଜୁ ଯୁବ ବାହିନୀ ସଭାପତି ସରୋଜ ସାମଲଙ୍କ କଟୁରି ଚୋଟରେ ଭାଜପା ସମର୍ଥକ ସୁଶାନ୍ତ ସାମଲ ଗୁରୁତର ହୋଇଛନ୍ତି। କୌଣସି କାରଣକୁ ନେଇ ପୂର୍ବାହ୍ନରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସରୋଜ ହଠାତ ସୁଶାନ୍ତଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସୁଶାନ୍ତଙ୍କୁ ପ୍ରଥମେ ତାଳଚେର ଉପଖଣ୍ଡ ଡାକ୍ତରଖାନା ଓ ପରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୁଶାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ତାଳଚେର ଥାନାରେ ଏ ସଂକ୍ରାନ୍ତରେ ନଂ. ୧୬୯/୧୯ରେ ଏକ ମାମଲା ରୁଜୁ କରାଯାଇଛି। ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ଏହି ଗଣ୍ଡଗୋଳ ସମ୍ପର୍କରେ ତଦନ୍ତ ଜାରି ରହିଥିବା ଏସ୍‌ଆଇ ଜି. ମାଝି ପ୍ରକାଶ କରିଛନ୍ତି।

## ବନ ବିଭାଗ ଲଗାଇବ ୬୨ ହଜାର ଚାରା


ବନ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଉଛି।

**ତାଳଚେର,୧୫।୭(ନି.ପ୍ର.)**

ତାଳଚେର ବନ ବିଭାଗ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ୬୨ ହଜାର ୫ଶହ ଚାରା ଲଗାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଜୈବ ବିବିଧତାରେ ପରିପୂର୍ଣ୍ଣ କହ୍ନେଇ ଜେନା ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ମୋଟ ୨ଶହ ହେକ୍ଟର ବିଶିଷ୍ଟ ୨ଟି ସ୍ଥାନରେ ୪୦ ହଜାର ଚାରା ରୋପଣ କରାଯିବ। ସେହିପରି ଜିଲା ଖଣିଜ ପାଣ୍ଠି ଅନୁଦାନରେ ଡେରା ମେଡିକାଲ କଲେଜ ପଛପାଖ ୬.୨୫ ହେକ୍ଟର ସ୍ଥାନରେ ୧୦ ହଜାର, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସ୍କିମ୍‌ରେ ସିପୁର ଗ୍ରାମ୍ୟ ଜଙ୍ଗଲ ଅଧୀନସ୍ଥ ୫୦ ହେକ୍ଟର ଅଞ୍ଚଳରେ ୧୦ ହଜାର ଏବଂ ଶିବରାମପୁର ମନ୍ଦିର ନିକଟରୁ ଏକଡାଳ ୫ କିମି ରାସ୍ତା ପାର୍ଶ୍ୱରେ ୧୨୫୦ ଚାରା, ଶିବରାମପୁର-କନ୍ଦବେରେଣୀ ୫ କିମି ରାସ୍ତା ପାର୍ଶ୍ୱରେ ୧୨୫୦ ଚାରା ରୋପଣ କରାଯିବ। ଅଦ୍ୟାବଧି କହ୍ନେଇ ଜେନା ଅଞ୍ଚଳରେ ୧୬ ହଜାର, ଡେରା ଅଞ୍ଚଳରେ ୩ ହଜାର ଓ ଶିପୁର ଅଞ୍ଚଳରେ ୫ ହଜାର (ମୋଟ ୨୪ ହଜାର) ଗଛ ଲଗାଯାଇ ସାରିଲାଣି। ନିମ୍ବ, ମହାଲିମ୍ବ, ଶିଶୁ, ଗମ୍ଭାରୀ, ରାଧାଚୁଡ଼ା, ଖଇର, କରଞ୍ଜ ସମେତ ଅନ୍ୟ ଉପକାରୀ, ଦୀର୍ଘସ୍ଥାୟୀ ଏବଂ ଔଷଧୀୟ ଚାରା ରୋପଣ କରାଯାଇଛି। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚାରା ରୋପଣ କାର୍ଯ୍ୟ ଶେଷ ହେବ ବୋଲି ତାଳଚେର ରେଞ୍ଜର ରତନ କୁମାର ଶତପଥୀ ପ୍ରକାଶ କରିଛନ୍ତି।

## ଚାପ୍ଟର ଅଫ୍ କଷ୍ଟ ଆକାଉଣ୍ଟାଣ୍ଟର ସେମିନାର



ସେମିନାରରେ ଉପସ୍ଥିତ ଅତିଥିମାନେ।

**ବଅଁରପାଳ, ୧୫।୭ (ଡି.ଏନ.ଏ.)**

ବଅଁରପାଳ ବ୍ଲକ ଅନ୍ତର୍ଗତ ନାଲ୍‌କୋ ପରିସରରେ ତାଳଚେର-ଅନୁଗୋଳ ଚାପ୍ଟର ଅଫ୍ କଷ୍ଟ ଆକାଉଣ୍ଟାଣ୍ଟର ସେମିନାର ଅନୁଷ୍ଠିତ ହୋଇଯାଇଛି। ଜିଏସ୍‌ଟି ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡ଼ିଟ୍ ରିଟର୍ନ ଓ ତତ୍‌ସମ୍ବନ୍ଧୀୟ ସେମିନାରରେ ନାଲ୍‌କୋର ବିତ୍ତ ନିର୍ଦ୍ଦେଶକ ଶ୍ରୀଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଏସ୍‌ଟିର ସଫଳତା ଏବଂ ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ଟ୍ୟାକ୍ସେସନ୍ କମିଟିର ସଭାପତି ନିରଞ୍ଜନ ମିଶ୍ର ଜିଏସ୍‌ଟିର ଦ୍ୱିତୀୟ ବର୍ଷ ସଫଳତା, କଷ୍ଟ ଆକାଉଣ୍ଟାଣ୍ଟମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଅଧିକାରୀ ଆନନ୍ଦ ଶତପଥୀ, ସ୍ପେଶିଆଲ କମିଶନର ତେଜରାଜ ପ୍ରଧାନ, ଅତିରିକ୍ତ କମିଶନର ତରୁଣ ଅଗ୍ରୱାଲା, ଦେବେନ୍ଦ୍ର ପଣ୍ଡା, ଜିଏସ୍‌ଟିର ଉପାଦେୟତା ଓ ବ୍ୟବସାୟୀଙ୍କ ଅସୁବିଧା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଚାପ୍ଟର ଅଧ୍ୟକ୍ଷ ତଥା ନାଲ୍‌କୋର ପୂର୍ବତନ ମହାପ୍ରବନ୍ଧକ ଅନ୍ତର୍ଯାମୀ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

## ଲେଭଲ କ୍ରସିଂଠାରେ ଓଭରବ୍ରିଜ ନିର୍ମାଣ ଦାବି

**ଛେଣ୍ଡିପଦା,୧୫।୭(ଡି.ଏନ.ଏ.)**

ଅନୁଗୋଳ-ସମ୍ବଲପୁର ରେଳପଥର କେରେଜାଙ୍ଗ ରେଲୱେ ଷ୍ଟେଶନ ନିକଟରେ ଥିବା ସାନକେରେଜାଙ୍ଗ ଫାଟକଯୁକ୍ତ ଲେଭଲ କ୍ରସିଂ ଠାରେ ସ୍ଥାୟୀ ଭାବେ ଏକ ଓଭରବ୍ରିଜ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ରେଳ ଚଳାଚଳବେଳେ ଫାଟକ ବନ୍ଦ ହୋଇଯାଉଥିବାରୁ ଲୋକେ ଦୀର୍ଘ ସମୟ ଧରି ସେଠାରେ ଅପେକ୍ଷା କରୁଥିବାରୁ ଅସନ୍ତୋଷ ଉପୁଜୁଛି। ଅଧିକାଂଶ ସମୟରେ ବିଭିନ୍ନ ପାସେଞ୍ଜର ଟ୍ରେନ ସହ ମାଲବାହୀ ଟ୍ରେନ ଚଳାଚଳ କରୁଛି। ଫଳରେ ଜରୁରିକାଳୀନ ପରିସ୍ଥିତିରେ ମଧ ଯାନବାହନ ଚଳାଚଳ ବନ୍ଦ ରହୁଛି। ବଡକେରେଜାଙ୍ଗ ଗ୍ରାମଠାରୁ ଅନୁଗୋଳ ଏବଂ ଢୁକୁଡା ଜରପଡା ଆଦି ଅଞ୍ଚଳକୁ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ପ୍ରତିଦିନ ହଜାର ହଜାର ସଂଖ୍ୟକ ଛୋଟବଡ ଯାନବାହନ ଚଳାଚଳ କରୁଛି। ଏହି ବ୍ୟସ୍ତବହୁଳ ରାସ୍ତା ଟ୍ରେନ ଚଳାଚଳ ଯୋଗୁ ବନ୍ଦ ହେଲେ ଘଣ୍ଟା ଘଣ୍ଟା ଧରି ଲୋକଙ୍କୁ ଅପେକ୍ଷା କରିବାକୁ ପଡୁଛି। ଏ ସମ୍ପର୍କରେ ଜିଲା ପ୍ରଶାସନ, ନିର୍ବାଚିତ ଲୋକ ପ୍ରତିନିଧି, ରେଳ ବିଭାଗ ଉଚ୍ଚ ପଦାଧିକାରୀ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଦାବି ହୋଇଛି।

## ସଡ଼କ ସୁରକ୍ଷା ସାମାଜିକ କର୍ମୀଙ୍କୁ ତାଲିମ




**ଅନୁଗୋଳ ଅଫିସ, ୧୫।୭**

ଭାରତ ସରକାରଙ୍କ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ସହଯୋଗରେ ସାମାଜିକ କର୍ମୀ ଅନୁଷ୍ଠାନ ବିକଳ୍ପ ବିକାଶ ପକ୍ଷରୁ ଅନୁଗୋଳ ଜିଲାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପାଇଁ ସାମାଜିକ କର୍ମୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଅନୁଗୋଳ, ଆଠମଲ୍ଲିକ, ତାଳଚେର ଓ ପାଲଲହଡ଼ା ଉପଖଣ୍ଡ ସାମାଜିକ କର୍ମୀମାନଙ୍କୁ ଅନୁଗୋଳ ସ୍ଥିତ ଏକ ହୋଟେଲରେ ପ୍ରଶିକ୍ଷଣ ଦିଆଯାଇଥିଲା। ୧୨ ତାରିଖରେ ପ୍ରଶିକ୍ଷଣର ପ୍ରଥମ ଦିବସକୁ ଜିଲା ସଡ଼କ ସୁରକ୍ଷା କ୍ଲବ ସଦସ୍ୟ ସାମାଜିକ କର୍ମୀ କଲ୍ୟାଣ କିଶୋର ମହାନ୍ତି ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ଶିଶୁମଙ୍ଗଳ କମିଟି ଅଧକ୍ଷ ଦୁଷ୍ମନ୍ତ କୁମାର ଗଡ଼ନାୟକ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିବସରେ ସାଧନ ବ୍ୟକ୍ତି ଭାବେ କଲ୍ୟାଣ କିଶୋର ମହାନ୍ତି, ସାମାଜିକ କର୍ମୀ ତଥା ଅଧ୍ୟାପକ ଅନିଲ କୁମାର ମିଶ୍ର, ବ୍ରଜବନ୍ଧୁ ବେହେରା ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଟ୍ରାଫିକ ନିୟମାବଳୀ, ସଂକେତ, ଗାଡ଼ି ଚାଳକମାନଙ୍କ ସର୍ବନିମ୍ନ ଦୃଷ୍ଟିଶକ୍ତି ଓ ଚଷମା ବ୍ୟବହାର ସହ ସମସ୍ତ ଗାଡ଼ିର କାଗଜ ପତ୍ର, ଡ୍ରାଇଭିଂ ଲାଇସେନ୍ସ ଆଦି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବିକଳ୍ପ ବିକାଶ ଓଡ଼ିଶାର ନିର୍ଦ୍ଦେଶକ ସନ୍ତୋଷ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିବାବେଳେ ସଂଯୋଜିକା ଲିପିପୁଷ୍ପା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୧୬ ଜୁଲାଇ / ୨୦୧୯, Dhenkanal, Tuesday July 16 / 2019

## ସଂକ୍ଷେପରେ

### ସମାଧାନ ହେଲା ୧୨୫ ଅଭିଯୋଗ

ଢେଙ୍କାନାଳ ଅଫିସ,୧୫।୭: ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ଇନ୍ଦିରା ଆବାସ, ବିଜୁ ପକ୍କାଘର ଓ ପୋଲିସ ସମ୍ବନ୍ଧୀୟ ୧୬୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୧୨୫ଟି ଅଭିଯୋଗର ସମାଧାନ କରାଯାଇଥିଲା। ରେଡକ୍ରସ ସହାୟତା ପାଣ୍ଠିରୁ ୨ ଜଣଙ୍କୁ ବ୍ୟକ୍ତିଗତ ଚିକିତ୍ସା ନିମନ୍ତେ ୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଭିଯୋଗଗୁଡିକର ସମାଧାନ କରିଥିଲେ। ଏସ୍‌ପି ଅନୁପମା ଜେମ୍‌ସ, ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିରଞ୍ଜନ ମିଶ୍ର, ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଗଁଦିଆ ବ୍ଲକ ଅଧକ୍ଷା ଗୀତାଞ୍ଜଳି ଭୁୟାଁ, ଡେପୁଟି କଲେକ୍ଟର ଶଶାଙ୍କ ଶେଖର ମିଶ୍ର, ପିଜି ସେଲ ସହକାରୀ ଜିଲାପାଳ ସୀତାଂଶୁ ଶେଖର ଦାସ ଓ ଅଧିକାରୀ ଲଲାଟ କେଶରୀ ଦଳେଇଙ୍କ ସମେତ ବହୁ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଢେଙ୍କାନାଳ ଅଫିସ,୧୫।୭: ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନାର ୨୮ ମାଇଲ ଛକଠାରେ ରବିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଅକ୍ଷୟ ସାହୁ ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପ୍ରତିବାଦରେ ଅଞ୍ଚଳବାସୀ ସୋମବାର ରାସ୍ତାରୋକୋ କରିବାରୁ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ମୁତାବକ, ପିଙ୍ଗୁଆ ବ୍ରାହ୍ମଣ ସାହିର ଅକ୍ଷୟ ସାନଭାଇ ଅଜୟ ସାହୁଙ୍କ ବାହାଘର କାର୍ଯ୍ୟରେ ଯୋଗଦେଇ ରାତିରେ ଚାଲିଚାଲି ଫେରୁଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କାଦେଇ ପଳାଇ ଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ନିହଲପ୍ରସାଦ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଅଞ୍ଚଳବାସୀଙ୍କୁ ବୁଝାଶୁଝା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

### ସଦସ୍ୟ ସଂଗ୍ରହ ପାଇଁ ଭାଜପାର ବୈଠକ

ସାତମାଇଲ,୧୫।୭(ଡି.ଏନ.ଏ.): ଢେଙ୍କାନାଳ ଜିଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅଧୀନ ହିନ୍ଦୋଳ ବ୍ଲକ ଖଜୁରିଆକଟାଠାରେ ଭାଜପା ପକ୍ଷରୁ ବାବନ୍ଧ ଜୋନର ନୂତନ ସଦସ୍ୟତା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଅଶୋକ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ ନାଏକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ଦିଲୀପ କୁମାର ପଟ୍ଟନାୟକ ଯୋଗଦେଇ ଦଳର ସଙ୍ଗଠନକୁ କିପରି ଅଧିକ ମଜଭୁତ୍ କରାଯାଇପାରିବ ସେ ନେଇ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଯୁବ, ମହିଳା ଓ ବିଭିନ୍ନ ବର୍ଗର ପ୍ରତିନିଧିତ୍ୱକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ପୂର୍ବତନ ସରପଞ୍ଚ କ୍ଷେତ୍ରବାସୀ ବିଶ୍ୱାଳ, ଆଚାର୍ଯ୍ୟ ସୁଧାକରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଦଳର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିଲେ। ପ୍ରଭାସ ଦେହୁରୀ, ଗିରିଶ ସେଠୀ, ବାନାମ୍ବର ପତି, ଘାସିରାମ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ଟାଟାଷ୍ଟିଲ ବିଏସ୍ଏଲ୍ ପକ୍ଷରୁ ସିଏସ୍ଆର କାର୍ଯ୍ୟକ୍ରମ

# ୨ ସ୍କୁଲ ଗୃହ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ,୧୫।୭**

ଢେଙ୍କାନାଳ ଜିଲା କଣ୍ଟାବଣିଆଠାରେ ଥିବା ଟାଟାଷ୍ଟିଲ ବିଏସ୍ଏଲ୍ ପକ୍ଷରୁ କମ୍ପାନୀର ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) ବିଭାଗ ତତ୍ତ୍ୱାବଧାନରେ ସୋମବାର ଦୁଇଟି ସ୍କୁଲ ଗୃହ ଉଦ୍‌ଘାଟନ କରାଯାଇଛି। କମ୍ପାନୀର ସିଓଓ ସୁବୋଧ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପୂର୍ଣ୍ଣଭାବେ ମରାମତି ଓ ପୁନରୁଦ୍ଧାର ହୋଇଥିବା ସରପା ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟ ଗୃହ ଏବଂ ନୂତନ ଭାବେ ନିର୍ମିତ କୋଚିଲାମଡା ପ୍ରାଥମିକ ବିଦ୍ୟାଳୟ ଗୃହକୁ ଉଦ୍‌ଘାଟନ କରିଥିଲେ। ପରେ ଏହି ଦୁଇ ବିଦ୍ୟାଳୟଗୃହକୁ ଗ୍ରାମ ଶିକ୍ଷା କମିଟିକୁ ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟକ୍ରମରେ ସରପା ଗ୍ରାମ ସଭାପତି ନିତ୍ୟାନନ୍ଦ ସେନାପତି, ଶିବପୁର ସରପଞ୍ଚ ଦେବଶ୍ରୀ ବେହେରା, ଟାଟାଷ୍ଟିଲ ବିଏସଏଲ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ. ସକ୍ସେନା, କର୍ପୋରେଟ୍‌ସ ସେବା ମୁଖ୍ୟ ମଣିକାନ୍ତି ନାୟକ, ପରିବେଶ ବିଭାଗ ମୁଖ୍ୟ ରୋଜ ବାନାର୍ଜୀ ଓ ସାମାଜିକ ଦାୟିତ୍ୱବୋଧ ବିଭାଗ ମୁଖ୍ୟ ଦିବ୍ୟହାସ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ୧୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଦୁଇ ବିଦ୍ୟାଳୟ ଗୃହରେ ୧୧୦ ଛାତ୍ରୀଛାତ୍ର ପାଠ ପଢି ପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।



ସରପା ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟ ଗୃହ ଉଦ୍‌ଘାଟନ ଅବସରରେ କମ୍ପାନୀର ସିଓଓ ସୁବୋଧ ପାଣ୍ଡେଙ୍କ ସମେତ କର୍ମଚାରୀ ଓ ଗ୍ରାମବାସୀ।

### ଯୁବକଙ୍କଠାରୁ ଲୁଟ୍ ଉଦ୍ୟମ

**ପରଜଙ୍ଗ,୧୫।୭(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ନିକଟ ପରଜଙ୍ଗ-ଭାଲୁମୁଣ୍ଡା ପୂର୍ତ୍ତବିଭାଗ ରାସ୍ତାର ଗଣ୍ଡତଇଲା ଗ୍ରାମ ନିକଟରେ ସୋମବାର କାମରଦା ଗ୍ରାମର ବିଶ୍ୱଜିତ ସାହୁଙ୍କଠାରୁ ଲୁଟ୍ ଉଦ୍ୟମ ହୋଇଛି। ପଥରଖମ୍ବ ପଞ୍ଚାୟତର ଆବାସ ମିତ୍ର ଭାବେ କାର୍ଯ୍ୟରତ ବିଶ୍ୱଜିତ ମଧ୍ୟାହ୍ନରେ କିଛି ସାର୍ଟିଫିକେଟ ପାଇଁ ସାଆନ୍ଦା କଲେଜକୁ ସ୍କୁଟି(ନଂ.ଓଡି୦୬ଜି୭୬୮୬) ଯୋଗେ ଯାଉଥିଲେ। ସେହି ସମୟରେ ଏକ ବାଇକରେ ୨ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇବାସହ ଭୁଜାଲି ଦେଖାଇ ଟଙ୍କା ମାଗିଥିଲେ। ଟଙ୍କା ନାହିଁ ବୋଲି କହିବାରୁ ତାଙ୍କୁ ଦୁର୍ବୃତ୍ତମାନେ ମାଡ଼ ମାରିଥିଲେ। କୌଶଳକ୍ରମେ ବିଶ୍ୱଜିତ ଖସି ଥାନାରେ ଜଣାଇଥିଲେ। ପରଜଙ୍ଗ ଥାନା ଏସଆଇ ଜନ୍ମେଜୟ ପାତ୍ର, ସସ୍ମିତା ପାଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଆହତ ବିଶ୍ୱଜିତ୍‌ଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବାରମ୍ବାର ଏହି ଅଞ୍ଚଳରେ ଲୁଟ୍‌ପାଟ ହେଉଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି।

## ବର୍ଷା ନାହିଁ, ଜମିରେ ଚରୁଛନ୍ତି ଗୋରୁ



ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜମିରେ ଗୋରୁ ଚରୁଛନ୍ତି।

**ଢେଙ୍କାନାଳ ଅଫିସ,୧୫।୭**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଓ କଣ୍ଟାବଣିଆ ଥାନା ଅଞ୍ଚଳରେ ବର୍ଷା ଅଭାବ ନେଇ ଚାଷୀ ହତାଶ ହୋଇପଡିଛନ୍ତି। ଦୁଇ ସପ୍ତାହ ତଳେ ଲଘୁଚାପ ଯୋଗୁ ସାମାନ୍ୟ ବର୍ଷା ହୋଇଥିଲା, ଯାହା କି ଚାଷ ପାଇଁ ପର୍ଯ୍ୟାପ୍ତ ନୁହେଁ । ବ୍ଲକର କମଲାଙ୍ଗ, ମଙ୍ଗଳପୁର, କୁସୁପଙ୍ଗା, ଖଡଗପ୍ରସାଦ, ଶିବପୁର, ମୋଟଙ୍ଗା, ନିମିଧା, ବିଡୋ ପଞ୍ଚାୟତରେ ବର୍ଷାର ଦେଖା ନ ଥିବାରୁ ଚାଷୀଙ୍କ ଚିନ୍ତା ବଢିଛି। ଧାନ ତଳି ପଡିଥିବା ବିଲରେ ପାଣି ନ ଥିବାରୁ ମାଟି ଶୁଖି ଫାଟି ଆଁ ହେଲାଣି । ବୁଣା ଯାଇଥିବା ଧାନ କ୍ଷେତରେ ଏବେ ଗୋରୁଗାଈ ଚରୁଛନ୍ତି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ନିର୍ମିତ ରେଙ୍ଗାଳି ଦକ୍ଷିଣପାର୍ଶ୍ୱ କେନାଲରେ ଚଳିତବର୍ଷ ପାଇଁ ଆଜି ପର୍ଯ୍ୟନ୍ତ ମଧ୍ୟ ପାଣି ଛଡାଯାଇନାହିଁ। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଏପରି ଲାଗି ରହିଲେ ଗଜା ମରୁଡିର ଆଶଙ୍କା ସୃଷ୍ଟି ହୋଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବ୍ଲକ ଓ ଜିଲା କୃଷି ବିଭାଗକୁ ନିବେଦନ କରିଛନ୍ତି ।

## ରାଜକିଶୋର ବାବାଙ୍କ ପ୍ରଭୁ ପ୍ରାର୍ଥନା ମହୋତ୍ସବ



ରାଜକିଶୋର ବାବାଙ୍କ ପ୍ରଭୁ ପ୍ରାର୍ଥନା ମହୋତ୍ସବରେ ଶ୍ରଦ୍ଧାଳୁଙ୍କ ପ୍ରସାଦ ସେବନ।

**ଢେଙ୍କାନାଳ ଅଫିସ,୧୫।୭**

ଢେଙ୍କାନାଳର ପ୍ରସିଦ୍ଧ ମହିମା ଧର୍ମ ପୀଠ ଯୋରନ୍ଦାଠାରେ କୌପୀନଧାରୀ ମହିମା ସମାଜର ଧର୍ମାଧକ୍ଷ ବ୍ରହ୍ମଜ୍ଞାନୀ ତଥା ବରିଷ୍ଠ ସନ୍ୟାସୀ ବ୍ରହ୍ମଲିନ ରାଜକିଶୋର ବାବାଙ୍କର ପ୍ରଭୁ ପ୍ରାର୍ଥନା ମହୋତ୍ସବ ସୋମବାର ମହିମା ସମାଜ ଆଶ୍ରମ ମଣ୍ଡଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ବାବାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା, ରାଜ୍ୟ ତଥା ସମଗ୍ର ଦେଶର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ସାଧୁ ସନ୍ୟାସୀ ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ସୋମବାର ଭୋର ସାଢେ ୩ଟାରେ ଘୃତାହୁତି, ଅହ୍ଲଣିଆ ଅର୍ପଣ ସମେତ ବିଭୁ ପ୍ରାର୍ଥନା ଓ ପ୍ରଭୁନାମ ଭଜନ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ବ୍ରହ୍ମଲୀନ ରାଜକିଶୋର ବାବାଙ୍କର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ନିରୋଦ କୁମାର ସାମଲ, କବି ବାହାଦୂର ପାଟସାହାଣୀ, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସଚେତନ ନାଗରିକ ଫୋରମର ସମ୍ପାଦକ ଭରତ ଦାସ, ଡ. ଉଦ୍ଧବ ଚରଣ ନାୟକ ଓ ଡ. ସୂର୍ଯ୍ୟ ନାରାୟଣ ବେହେରା ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହାପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ପ୍ରସାଦ ସେବନରେ ସାମିଲ ହୋଇଥିଲେ।

## ଫଟୋରେ ଖବର



ଅନୁଗୋଳ ଶିକ୍ଷକପଡାସ୍ଥିତ ସାଇ ମନ୍ଦିରର ଗୁରୁପୂର୍ଣ୍ଣିମା ଉତ୍ସବ ପାଳନ ଉପଲକ୍ଷେ ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ଶିଶୁର ଜଟିଳ ଚକ୍ଷୁ ଅସ୍ତ୍ରୋପଚାର ସଫଳ

**ଢେଙ୍କାନାଳ ଅଫିସ,୧୫।୭**



ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଅଞ୍ଚଳର ଜଣେ ୨ ବର୍ଷର ଶିଶୁ କନ୍ୟାର ହାଇଦ୍ରାବାଦସ୍ଥିତ ଏଲ୍‌ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟରେ ଗତ ଜୁନ ୧୩ରେ ହୋଇଥିବା ଜଟିଳ ଚକ୍ଷୁ ଅସ୍ତ୍ରୋପଚାର ସଫଳ ହୋଇଛି। ସିମିନଇ ଗ୍ରାମର ମଧୁସ୍ମିତା ସିଂଙ୍କ କନ୍ୟା ଭାଗ୍ୟଲକ୍ଷ୍ମୀ ସିଂ ଦୀର୍ଘଦିନରୁ ଏକ ଜଟିଳ ଚକ୍ଷୁ ରୋଗରେ ପୀଡିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚକ୍ଷୁ ବିଭାଗ ଦ୍ୱାରା ରୋଗ ଚିହ୍ନଟ ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏଲ୍‌ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ଭାଗ୍ୟଲକ୍ଷ୍ମୀଙ୍କୁ ଅସ୍ତ୍ରୋପଚାର ପାଇଁ ହାଇଦ୍ରାବାଦସ୍ଥିତ ଏଲ୍‌ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଜିଲା ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଭାଗ୍ୟଲକ୍ଷ୍ମୀଙ୍କ ମାଗଣାରେ ଅସ୍ତ୍ରୋପଚାର ହୋଇଥିଲା। ଜୁନ୍ ୧୭ରେ ଶିଶୁଟି ଘରକୁ ଫେରିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ପରିବାର କଲ୍ୟାଣୀ) ଡା. ବିଦ୍ୟୁତ ନନ୍ଦ ଓ ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସହକାରୀ ପରିଚାଳକ ସୌମ୍ୟରଞ୍ଜନ ସାମନ୍ତରାୟଙ୍କ ପରିଚାଳନାରେ ଏହି ଅସ୍ତ୍ରୋପଚାର ହୋଇଥିଲା।

### ଟ୍ରକ୍ ଅଟକାଇ ଧମକ ଅଭିଯୋଗ, ୩ ଗିରଫ

**ଢେଙ୍କାନାଳ ଅଫିସ,୧୫।୭**

ଢେଙ୍କାନାଳ ସହର ୫୫ନଂ ଜାତୀୟ ରାଜପଥର ପାଞ୍ଚକାହାଣିଆଠାରେ ରବିବାର ରାତିରେ ଏକ ଟିପ୍ପର ବୋଝେଇ ଟ୍ରକକୁ ଅଟକାଇ ଧମକଚମକ ଦେବା ଅଭିଯୋଗରେ ଟାଉନ ଥାନା ପୋଲିସ ସୋମବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସଦର ଥାନା ଗୋବିନ୍ଦପୁର ଅଞ୍ଚଳର ରାଜେନ୍ଦ୍ର ମହାନ୍ତି, ମୋଟଙ୍ଗା ଥାନା ଗୁଡିଆକାଟେଣୀ ଅଞ୍ଚଳର ଆଶୁତୋଷ ମହାନ୍ତି ଏବଂ ସଦର ଥାନା ଇନ୍ଦିପୁର ଅଞ୍ଚଳର ସୋନୁ ସାହୁ। ଢେଙ୍କାନାଳରୁ ଟିପ୍ପ ନେଇ ଜଗତସିଂହପୁର ଜିଲା ରଘୁନାଥପୁର ଅଞ୍ଚଳକୁ ଯାଉଥିବା ଏକ ଟିପ୍ପରକୁ ସେମାନେ ଅଟକାଇ ମାରପିଟ କରିଥିଲେ। ଗାଡି ମାଲିକଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୨୦୬/୧୯ରେ ମାମଲା ରୁଜୁ କରିଛି।

ମଧ୍ୟାହ୍ନଭୋଜନରେ ବୁଢିଆଣୀ ପଡିବା ଘଟଣା

## ପ୍ରତିବାଦରେ ସ୍କୁଲରେ ତାଲା

**ପରଜଙ୍ଗ, ୧୫।୭(ଡି.ଏନ.ଏ)**



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଲେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ଶନିବାର ମଧ୍ୟାହ୍ନଭୋଜନରେ ବୁଢିଆଣୀ ପଡିବା ଓ ଏହାକୁ ଖାଇ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣାରେ ଅଭିଭାବକମାନେ ସୋମବାର ସ୍କୁଲରେ ତାଲା ପକାଇ ପ୍ରତିବାଦ କରିଛନ୍ତି। ଘଟଣାର ତଦନ୍ତ ସହ ସମ୍ପୃକ୍ତ ରୋଷେୟା ଓ ସହାୟିକାଙ୍କୁ ବାହାର କରି ନୂତନ ରୋଷେୟା ନିଯୁକ୍ତି ପାଇଁ ସେମାନେ ଦାବି କରିଛନ୍ତି। ଅଭିଭାବକମାନେ ଏକତ୍ରିତ ହୋଇ ବିଦ୍ୟାଳୟରେ ତାଲା ପକାଇ ଏକ ବୈଠକ କରିଥିଲେ। ଅନ୍ୟପକ୍ଷରେ ଏହାକୁ ନେଇ ବିଦ୍ୟାଳୟରେ ଏକ ଜରୁରିକାଳୀନ ବୈଠକ ବସିଥିଲା। ଆଗକୁ କିପରି ଏମିତି ନ ହେବ ସେ ଉପରେ ଆଲୋଚନା ହେଉଛି ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ବେହେରା କହିଛନ୍ତି। ଏବିଇଓ ସଞ୍ଜୟ କୁମାର ମିଶ୍ର, ସିଆରସିସି ସୁନୀଲ ବର୍ମା, ଶିକ୍ଷାକମିଟି କର୍ମକର୍ତ୍ତା ପ୍ରମୁଖ ବୈଠକରେ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ବାହାରି ନ ପାରିବାରୁ ମଙ୍ଗଳବାର ପୁନର୍ବାର ଆଲୋଚନା ହେବ ବୋଲି ଜଣାପଡ଼ିଛି। ଏ ବିଷୟରେ ଏବିଇଓ ମିଶ୍ର କୁହନ୍ତି, ଘଟଣାର ତଦନ୍ତ ପାଇଁ ଯାଇଥିଲି। ତଦନ୍ତ ରିପୋର୍ଟ ବିଇଓଙ୍କୁ ପ୍ରଦାନ କରିବି। ସେ ଯାହା ନିଷ୍ପତ୍ତି ନେବେ।

**ରୋଷେୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

## ବାହୁଡାଯାତ୍ରା ଭଜନ ସମାରୋହ ଉଦ୍‌ଯାପିତ



ଉଦ୍‌ଯାପନୀ ସନ୍ଧ୍ୟାରେ କଣ୍ଠଶିଳ୍ପୀଙ୍କ ଭଜନ ପରିବେଷଣ।

**ଢେଙ୍କାନାଳ ଅଫିସ,୧୫।୭**

ଢେଙ୍କାନାଳ ରଥଗଡାଠାରେ ବାହୁଡା ଯାତ୍ରା ଭଜନ ସମାରୋହ କମିଟି ପକ୍ଷରୁ ୪ ଦିନ ଚାଲିଥିବା ଭଜନ ସମାରୋହ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରସିଦ୍ଧ କଣ୍ଠଶିଳ୍ପୀ ସୁଧାକର ମିଶ୍ରଙ୍କ କଣ୍ଠରେ ଅଧାଗଡା ଦିଅଁଙ୍କ ଦେଖ ଚକା ଆଖିକୁ.. ଓ ଇରା ମହାନ୍ତିଙ୍କ କଣ୍ଠରେ ମୁଁ ଗାଉଛି ଆଜି ତୁ ଶୁଣୁଛୁ ବସି ରତ୍ନ ସିଂହାସନେ.., ପାଦରେ ନୁପୁର ନୁପୁରେ ଘୁଙ୍ଗୁର.. ଓ ଶ୍ରୀଚରଣଙ୍କ କଣ୍ଠରେ ନୀଳାଚଳ ଧାମ ଯାଇ ମୁଁ ପାରୁନି ଏଇଠୁ କରୁଛି ଦଣ୍ଡବତ ହେ ଜଗନ୍ନାଥ ହେ ଜଗନ୍ନାଥ.. ଆଦି ଭଜନ ଶ୍ରୋତାଙ୍କୁ ବିଭୋର କରିଥିଲା। ପ୍ରାରମ୍ଭରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଶିଳ୍ପ ଓ ବାଣିଜ୍ୟ ସଂଗଠନର ସଭାପତି ଶରତ ଚନ୍ଦ୍ର ପାଢୀ, ଜିଲା ପ୍ରେସ୍ କ୍ଲବ ଅଧକ୍ଷ ପ୍ରଦ୍ୟୁମ୍ନ ରଥ ଯୋଗ ଦେଇଥିଲେ । ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶଶିମୌଳି ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଉପଦେଷ୍ଟା ସୁକାନ୍ତ ମିଶ୍ର, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ଉପସଭାପତି ସତ୍ୟ ସ୍ୱରୁପ ଦାସ, ଶରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ନୃସିଂହ ଚରଣ ବେହେରା, ବାବୁଲି ଦାସ, ବିନୋଦ ମହାନ୍ତି, ଅଥୟ ସାହୁ, ଅରବିନ୍ଦ ଦାସ, ସରୋଜ ଦେହୁରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ